DHARITRI.COM

Vol VII Issue No.202 Saturday, 22 July 2006



Bundle your perfect package with Qwest.
SEE DETAILS
Save up to $37.00 mo.*
*Compared to the price of Qwest services sold separately.
www.Qwest.com
Feedback - Ads by Google



# ଆଇଆଇଟିର ଶାଖା ପ୍ରତିଷ୍ଠା ପାଇଁ ଆଲୋଚନା ଆଜି

Click to enlarge text: A A A A

ଭୁବନେଶ୍ୱର,୨୧।୭(ବ୍ୟୁରୋ)-କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ଭାରତବର୍ଷରେ ଆଉ ୫ଟି ଆଇଆଇଟି ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇଛନ୍ତି । ସମସ୍ତ ଆର୍ଥିକ ସହାୟତା କେନ୍ଦ୍ର ସରକାର ବହନ କରିବେ । ସାରା ବିଶ୍ୱର ବୈଷୟିକ ଶିକ୍ଷାର ମାନ ସହିତ ସମକକ୍ଷ ହେବା ପାଇଁ ଭାରତ ସରକାରଙ୍କର ଏହା ଏକ ସକରାତ୍ମକ ପ୍ରଚେଷ୍ଟା । ବର୍ତ୍ତମାନର ଏଆଇସିଟିର ଅଧ୍ୟକ୍ଷ ପ୍ରଫେସର ବି. ଆଚାର୍ଯ୍ୟ ଯେ କି ଆଇଆଇଟି ଖଡଗପୁରର ମଧ୍ୟ ସିନିୟର ପ୍ରଫେସର ଅଟନ୍ତି, ସେ ଓଡ଼ିଶାରେ ଆଇଆଇଟିର ଶାଖା ପ୍ରତିଷ୍ଠା ପାଇଁ ଅନେକ ଦିନ ଆଗରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ଏସ.କେ. ଦୁବେ ମଧ୍ୟ ଓଡ଼ିଶା ତଥା ଭୁବନେଶ୍ୱରରେ ଆଇଆଇଟି ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସକରାତ୍ମକ ମନୋଭାବ ରଖିଥିବା ବିଶେଷ ସୂତ୍ରରୁ ପ୍ରକାଶ । ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଓ ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ପାଖରେ ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ଦୃଢ ଦାବି ତଥା ନିବେଦନ କରାଯିବ ବୋଲି ପ୍ରାୟତଃ ନିଷ୍ପତ୍ତି ହୋଇସାରିଛି । ଏଣୁ ଏ ସମ୍ପର୍କରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଏଥିନେଇ ଖଡଗପୁର ଆଇଆଇଟିର ନିର୍ଦ୍ଦେଶକ ଓ ଏଆଇସିଟିର ଅଧ୍ୟକ୍ଷଙ୍କର ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

previous || next

**Qwest® for Small Business** - Digital Voice, High-Speed Internet, Wireless. Bundle And Save! www.Qwest.com

Ads by Google Advertise on this site

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.